# ସତ୍ୟବାଣୀ

*(THE VOICE OF TRUTH)*

MAY - JUNE

**2003**



**AN ORIYA BIMONTHLY BULLETIN PUBLISHED BY THE CHURCH OF CHRIST**

# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 8. May & June - 2003 (No. 3)**

**Published every two months
in Oriya Language for the Restoration of pure
New Testament Christianity**

Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - VIII KAKINADA MAY - JUNE

## "ଯେ ମୋତେ ଅଗ୍ରାହ୍ୟ କରେ... ..."

### (He who rejects me... ...)

ଦୁଇ ହଜାର ବର୍ଷ ପୂର୍ବେ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ଧରଣୀରେ ଜୀବନଯାପନ କରିବା ସମୟରେ ଅନେକଙ୍କ ଦ୍ୱାରା ତୁଚ୍ଛୀକୃତ ହେଲେ । ଯେଉଁ ଯିହୂଦୀ ଜାତିରେ ସେ ଜନ୍ମଗ୍ରହଣ କରିଥିଲେ ସେମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ । ତାହାଙ୍କୁ ଅନୁସରଣକାରୀ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ତାହାଙ୍କ ଠାରୁ ବିମୁଖ ହୋଇ ତାହାଙ୍କ ସହିତ ଆଉ ଗମନାଗମନ କଲେ ନାହିଁ । (ଯୋହନ ୬:୬୬) । ରୋମୀୟ ସାମନ୍ତରାଜା ପିଲାତ ଖ୍ରୀଷ୍ଟଙ୍କ ଠାରେ କୌଣସି ଦୋଷ ନ ପାଇଲେ ହେଁ, ଯିହୂଦୀମାନଙ୍କୁ ଖୁସି କରିବା ପାଇଁ ଖ୍ରୀଷ୍ଟଙ୍କୁ ମରଣ ଶାସ୍ତି ପ୍ରକଟ କରିଥିଲେ । (ଯୋହନ ୧୯ ପର୍ବ) । ସେ ଦିନରୁ ଆଜି ପର୍ଯ୍ୟନ୍ତ ଅନେକେ ତାହାଙ୍କୁ ତଥା ତାହାଙ୍କ ବାକ୍ୟକୁ ଅଗ୍ରାହ୍ୟ କରି ଆସୁଅଛନ୍ତି । ସେମାନଙ୍କ ବିଷୟରେ ପ୍ରଭୁ କହନ୍ତି, "ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହା ଶେଷ ଦିନରେ ତାହାର ବିଚାର କରିବ ।" (ଯୋହନ ୧୨:୪୮)

ପାଉଲ ଖ୍ରୀଷ୍ଟିୟାନ ହେବା ପୂର୍ବେ ଅଜ୍ଞାନ ବଶତଃ ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରିବା ପରେ ଅନେକ ଖ୍ରୀଷ୍ଟଙ୍କୁ ଅଜ୍ଞାନତା ଯୋଗୁଁ ଅସ୍ୱୀକାର କରନ୍ତି । ସେ ଖ୍ରୀଷ୍ଟ, ତାହାଙ୍କ ଶିଷ୍ୟ, ତାହାଙ୍କ ସ୍ଥାପିତ ମଣ୍ଡଳୀ ବିଷୟରେ ଜ୍ଞାତ ଥିଲେ ବି, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରିବାକୁ ଅସମ୍ମତ ଥିଲେ । ଜଗତର ପାପ ବହନକାରୀ ଈଶ୍ୱରଙ୍କ ମେଷଶାବକଙ୍କୁ କେବଳ ଏକ ନୂତନ ଧର୍ମର ସ୍ଥାପକ ରୂପେ ପାଉଲ ମନେ କରି, ତାହାଙ୍କ ସ୍ଥାପିତ ମଣ୍ଡଳୀର ଧ୍ୱଂସ କରିବାରେ ପ୍ରାଣପଣେ ଚେଷ୍ଟା କରିଥିଲେ । ମନ ପରିବର୍ତ୍ତନ କଲା ପରେ ସେ ତୀମଥିଙ୍କୁ ଲେଖନ୍ତି, "ଯଦ୍ୟପି ମୁଁ ପୂର୍ବେ ନିନ୍ଦକ, ତାଡ଼ନାକାରୀ ଓ ଅତ୍ୟାଚାରୀ ଥିଲି, କିନ୍ତୁ ମୁଁ ଅବିଶ୍ୱାସ ହେତୁ ଅଜ୍ଞାନପଣରେ ତାହା କରିଥିଲି ବୋଲି ଦୟାପ୍ରାପ୍ତ ହେଲି... ... । ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟଯୀଶୁ ଯେ ଜଗତରେ ଅବତୀର୍ଣ୍ଣ ହେଲେ, ଏହି ବାକ୍ୟ ବିଶ୍ୱାସ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ, ସେହି ପାପୀମାନଙ୍କ ମଧ୍ୟରେ ମୁଁ ପ୍ରଧାନ ।" (୧ମ ତୀମଥି ୧:୧୩-୧୫) ।

ସ୍ୱାଭିମାନ ଯୋଗୁଁ ଅନେକେ ଖ୍ରୀଷ୍ଟଙ୍କୁ ତୁଚ୍ଛ ଜ୍ଞାନ କରନ୍ତି । ଖ୍ରୀଷ୍ଟଙ୍କ ବିଷୟକ ସତ୍ୟତା ପରୀକ୍ଷା କରିବା ବିନୁ ଅନେକେ ତାହାଙ୍କୁ ଅଗ୍ରାହ୍ୟ କରନ୍ତି । ସେମାନଙ୍କ ଅଜ୍ଞାନତା ସେମାନଙ୍କ ବିନାଶର କାରଣ ହୋଇଥାଏ । ଜଗତର ଅନେକେ ସାଧୁ, ସନ୍ୟାସୀମାନଙ୍କ ମଧ୍ୟରୁ ଜଣେ ବୋଲି ଆହୁରି କେତେକ ବର୍ଗର ଲୋକେ ଖ୍ରୀଷ୍ଟଙ୍କ ପରିଗଣନା କରନ୍ତି । ସେମାନଙ୍କ ଦୃଷ୍ଟିରେ ଖ୍ରୀଷ୍ଟ ଓ ଖ୍ରୀଷ୍ଟଧର୍ମ ସ୍ୱଦେଶୀ ନୁହେଁ କିନ୍ତୁ ବିଦେଶୀ ଧର୍ମ । ବାଇବଲରେ ଲିଖିତ ସତ୍ୟତା ବିଷୟରେ ନ ପଢ଼ି, ନଜାଣି ଏପରି ଭାବେ ମନୁଷ୍ୟମାନେ ଆପଣା ଆତ୍ମାର ତ୍ରାଣକର୍ତ୍ତାଙ୍କ ଅଗ୍ରାହ୍ୟ କରିଥାନ୍ତି ।

ସବୁଠାରୁ ଦୁଃଖର ବିଷୟ ଏହି କି ଯେ, ଖ୍ରୀଷ୍ଟଙ୍କ ବିଶ୍ୱାସୀ ନାମରେ ଖ୍ୟାତ ଅନେକେ ତାହାଙ୍କୁ ପରୋକ୍ଷରେ ଅଗ୍ରାହ୍ୟ କରନ୍ତି । କାରଣ ସେମାନେ ତାହାଙ୍କ ଦତ୍ତ ଆଜ୍ଞା ସକଳ ପାଳନ କରନ୍ତି ନାହିଁ । ଯେଉଁମାନେ ତାହାଙ୍କ ବାକ୍ୟ ପାଳନ କରନ୍ତି ନାହିଁ, ସେମାନେ ତାହାଙ୍କୁ ଅଗ୍ରାହ୍ୟ କରନ୍ତି ବୋଲି ପ୍ରଭୁ ଯୋହନ ୧୨:୪୮ ପଦରେ ସୁସ୍ପଷ୍ଟ କରନ୍ତି । ବିଚାର ଦିନରେ ତାହାଙ୍କ କଥିତ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାରିତ ହେବୁ । ''ଆଉ, ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁ ନାହଁ ?'' (ଲୂକ ୬:୪୬) । ବିଶ୍ୱାସ କରି ବାପ୍ତିଜିତ ହେବା ପ୍ରତ୍ୟେକେ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହେବେ ବୋଲି କି ବାକ୍ୟ କହେ ନାହିଁ ? (ମାର୍କ ୧୬:୧୬, ଲୂକ ୧୩:୩, ପ୍ରେରିତ ୨:୩୮) । ସେ ଆପଣା ମଣ୍ଡଳୀ ତୋଳି, ପରିତ୍ରାଣ ପ୍ରାପ୍ତ ହେବା ଲୋକଙ୍କୁ ସେଥିରେ ସଂଯୁକ୍ତ କରିବେ ବୋଲି କି ବାକ୍ୟ କହେ ନାହିଁ ? (ମାଥିଉ ୧୬:୮, ପ୍ରେରିତ ୨:୪୭, ରୋମୀୟ ୧୬:୧୬) ଖ୍ରୀଷ୍ଟଙ୍କ ଅନୁଚାରୀମାନେ ଆନ୍ତିୟଖିଆରେ ପ୍ରଥମେ ଖ୍ରୀଷ୍ଟିୟାନ ବୋଲି ପରିଚିତ ହୋଇଥିଲେ ବୋଲି ଲିଖିତ ହୋଇଥିବା ସ୍ଥଳେ ଲୋକେ କାହିଁକି ଖ୍ରୀଷ୍ଟିୟାନ ରୂପେ ପରିଚିତ ହେବାରେ କୁଣ୍ଠିତ ବୋଧ କରନ୍ତି ? ଏହିପରି ଅନେକେ ବିଷୟରେ ଆଜିର ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଝୁଣ୍ଟି ପଡୁଅଛନ୍ତି, ବାକ୍ୟ କହେ,''ଯେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନ ରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇ ନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ର ଉଭୟଙ୍କୁ ପାଇଅଛି । କେହି ଯଦି ଏହି ଶିକ୍ଷା ନ ଘେନି ତୁମ୍ଭମାନଙ୍କ ନିକଟକୁ ଆସେ, ତେବେ ତାହାକୁ ଗୃହରେ ଅତିଥି ନ କର ଓ ସମ୍ବର୍ଦ୍ଧନା ଜଣାଅ ନାହିଁ, କାରଣ ଯେକେହି ସମ୍ବର୍ଦ୍ଧନା ଜଣାଏ, ସେ ତାହାର ଦୁଷ୍କର୍ମର ସହଭାଗୀ ହୁଏ ।'' (୨ୟ ଯୋହନ ୯-୧୧) ତାହାଙ୍କ ବାକ୍ୟ ଅଗ୍ରହ୍ୟ କାରୀ ସମସ୍ତେ ତାହାଙ୍କୁ ଅଗ୍ରାହ୍ୟ କରନ୍ତି ବୋଲି ଆମ୍ଭେମାନେ ସବୁବେଳେ ମନେ ରଖିବା ଉଚିତ ।

**- J.C. Choate**

# ରାଜା ଯିହୋଶାଫଟ୍‌ଙ୍କ ଉତ୍ଥାନ ଓ ପତନ
## (The Rise and Fall of King Jehoshaphat)

ଶାଉଲ, ଦାଉଦ ଓ ଶଲୋମନ ରାଜାମାନେ ପ୍ରତ୍ୟେକେ ୪୦ ବର୍ଷ ଇଶ୍ରାଏଲ୍ ଦେଶର ରାଜତ୍ୱ ଗ୍ରହଣ କରିଥିଲେ । ଶଲୋମନଙ୍କ ରାଜତ୍ୱ ପରେ ଇଶ୍ରାଏଲର ଦଶ ଗୋଷ୍ଠୀ ଦ୍ୱାରା ଉତ୍ତର ରାଜ୍ୟ, ଇଶ୍ରାଏଲ୍ ଗଠିତ ହୋଇଥିଲା । ଦାଉଦଙ୍କ ବଂଶଧରମାନେ ଦକ୍ଷିଣ ରାଜ୍ୟ, ଯିହୂଦା ରାଜ୍ୟଭାର ଗ୍ରହଣ କରୁଥିଲେ । ଇଶ୍ରାଏଲ୍‌ର ପ୍ରତ୍ୟେକ ରାଜା ଅନ୍ୟ ଦେବଗଣର ଅନୁଗମନ କରି, ପ୍ରଜାମାନଙ୍କୁ ଅନୁଗମନ କରାଇ, ପରମେଶ୍ୱରଙ୍କ ଦୃଷ୍ଟିରେ କୁକର୍ମ କଲେ । ଯିହୂଦା ରାଜ୍ୟର ଉତ୍ତମ ରାଜାମାନଙ୍କ ମଧ୍ୟରୁ ଯିହୋଶାଫଟ ଅନ୍ୟତମ । ସେ ଯିହୂଦା ରାଜ୍ୟ ପଚିଶି ବର୍ଷ ରାଜତ୍ୱ କଲେ । ସେ ରାଜତ୍ୱରେ ଅନେକ ପରିବର୍ତ୍ତନ ଆଣିଥିଲେ । ସେ ଶିକ୍ଷକ, ଲେବୀୟ, ଯାଜକମାନଙ୍କୁ 'ବ୍ୟବସ୍ଥା ପୁସ୍ତକ' ସହ ନଗର ନଗରକୁ ପଠାଇ ପ୍ରଜାମାନଙ୍କୁ ଈଶ୍ୱରଙ୍କ ବିଷୟ ଶିକ୍ଷା ଦେବା ନିମନ୍ତେ ଯୋଜନା କରିଥିଲେ । ପୁଣି ଯିହୋଶାଫଟ୍ ଯିରୂଶାଲମରେ ବାସ କଲେ, ଆଉ ସେ ପୁନର୍ବାର ବେର୍‌ଶେବା ଠାରୁ ଇଫ୍ରୟିମର ପର୍ବତମୟ ଦେଶ ପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ଗତାୟତ କରି ସଦାପ୍ରଭୁ ସେମାନଙ୍କ ପିତୃଗଣର ପରମେଶ୍ୱରଙ୍କ ପ୍ରତି ସେମାନଙ୍କୁ ଫେରାଇ ଆଣିଲେ । ଆଉ, ସେ ଦେଶର ସର୍ବତ୍ର ଯିହୂଦାର ପ୍ରାଚୀର ବେଷ୍ଟିତ ନଗର ସମୂହରେ ନଗରରୁ ନଗର ବିଚାରକର୍ତ୍ତାମାନଙ୍କୁ ନିଯୁକ୍ତ କଲେ ।'' (ଦ୍ୱି.ବଂଶା ୧୯:୪,୫) । ଯିହୋଶାଫଟ୍ ଇଶ୍ରାଏଲ୍ ରାଜାମାନଙ୍କ ସଦୃଶ୍ୟ ବାଲ ଦେବତାର ଅନୁସରଣ ନ କରି ଆପଣା ପିତୃପୁରୁଷ ଦାଉଦଙ୍କ ସଦୃଶ୍ୟ ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେ । ସଦାପ୍ରଭୁ ତାହାଙ୍କ ସହବର୍ତ୍ତୀ ରହି ତାହାଙ୍କ ରାଜତ୍ୱ ସୁଦୃଢ଼ କଲେ । ପାଲେଷ୍ଟୀନିୟମାନେ ଦର୍ଶନୀ ଆଣିଲେ, ଶତ୍ରୁମାନେ ତାହାଙ୍କୁ ଭୟ କଲେ । ସେ ଅତିଶୟ ଧନବାନ ଓ ସମ୍ଭ୍ରାନ୍ତ ହେଲେ । ସେ ଭାବସ୍ଥଳୀର ପ୍ରତିମାମାନେ ଦୂର କଲେ ଏବଂ ପରମେଶ୍ୱରଙ୍କ ବ୍ୟାବସ୍ଥାରେ ସେ ଆନନ୍ଦ କଲେ ।

ଯିହୋଶାଫଟଙ୍କ ସୈନ୍ୟବାହିନୀରେ ମହା ବିକ୍ରମଶାଳୀ ଯୋଦ୍ଧା ଥିଲେ । ସେ ଯିହୂଦା ଦେଶରେ ଦୁର୍ଗ ଓ ଭଣ୍ଡାର ନଗରମାନ ନିର୍ମାଣ କଲେ । ଯିହୂଦାର ସବୁ ନଗରରେ ତାଙ୍କର ଅନେକ କର୍ମ ଥିଲା । ଦ୍ୱି.ବଂଶା ୧୭:୧୪-୧୯ ପଦଗୁଡ଼ିକରେ ତାହାଙ୍କ ମହା ବିକ୍ରମଶାଳୀ ଯୋଦ୍ଧାମାନଙ୍କ ସଂଖ୍ୟା ଲେଖାଯାଏ । ରାମୋତ୍-ଗିଲିୟଦ୍ ବିରୁଦ୍ଧରେ ଆହବଙ୍କ ସହିତ ଯୁଦ୍ଧକୁ ଯିବା ସମୟରେ ଯିହୋଶାଫଟ କିପରି ପରମେଶ୍ୱରଙ୍କ ମନ୍ତ୍ରଣା ଲୋଡ଼ିଲେ, ଆମେ ୧୮ମ ଅଧ୍ୟାୟରେ ପଢ଼ିପାରୁ । 'ମୀଖା ଭାବବାଦୀଙ୍କ ଦ୍ୱାରା ପରମେଶ୍ୱରଙ୍କ ସତର୍କ ସତ୍ତ୍ୱେ ସେମାନେ ଯୁଦ୍ଧକୁ ଯାଇଥିଲେ । ସେହି ଯୁଦ୍ଧରେ ଇଶ୍ରାଏଲ୍‌ର ରାଜା ଆହବ ଆହତ ହୋଇ ମୃତ୍ୟୁ ଭୋଗିଲେ ।

ମୋୟାବ୍, ଆମ୍ମୋନ୍ ଓ ଅମ୍ମୋନୀୟମାନେ ଯିହୋଶାଫଟ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ ସଜ୍ଜାଇବାରୁ, ସେ ଭୟଭୀତ ହୋଇ ସଦାପ୍ରଭୁଙ୍କ ଉପବାସ ଘୋଷଣା କଲେ । ଯିରୁଶାଲମରେ ଯିହୂଦା ଲୋକେ ଏକତ୍ର ହୋଇ ପ୍ରଭୁଙ୍କ ସାହାଯ୍ୟ ଲୋଡ଼ିବାରୁ ସଦାପ୍ରଭୁ ଯହସୀୟେଲ ନାମକ ଏକ ଯିହୂଦୀ ଯୁବକଙ୍କ ଦ୍ଵାରା ବିଜୟ ପ୍ରତିଜ୍ଞା କଲେ ।

ଅତି ପ୍ରଭାତରେ ଉଠି ପ୍ରାନ୍ତର ଆଡ଼କୁ ବାହାରିଗଲେ । ଯିହୋଶାଫଟ୍ ଆପଣା ଆପଣା କାର୍ଯ୍ୟରେ କୃତକାର୍ଯ୍ୟ ହେବା ନିମନ୍ତେ ପରମେଶ୍ଵରଙ୍କ ଠାରେ ବିଶ୍ଵାସ ରଖିବା ନିମନ୍ତେ ଆପଣା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିଥିଲେ ପୁଣି ସେ ଲୋକମାନଙ୍କ ସହିତ ପରାମର୍ଶ କଲା ଉତ୍ତାରେ ସୈନ୍ୟଶ୍ରେଣୀରେ ଆପେ ଆପେ ସେମାନଙ୍କ ଗମନ କାଳେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାନ କରିବାକୁ ଓ ଧର୍ମ ସୌନ୍ଦର୍ଯ୍ୟର ପ୍ରଶଂସା କରିବାକୁ, ପୁଣି ସଦାପ୍ରଭୁଙ୍କର ଧନ୍ୟବାଦ କର, ଯେହେତୁ ତାହାଙ୍କର କରୁଣା ସଦାକାଳ ସ୍ଥାୟୀ ବୋଲି କହିବାକୁ ଲୋକ ନିଯୁକ୍ତ କଲେ । "ଆଉ, ସେମାନେ ଗାୟନ ଓ ପ୍ରଶଂସା କରିବାକୁ ଆରମ୍ଭ କରନ୍ତେ, ଯିହୂଦାର ପ୍ରତିକୂଳରେ ଆଗତ ଆମ୍ମୋନର ଯୋଗ୍ରାବର ଓ ସେପାରିର ପାର୍ବତୀୟ ସନ୍ତାନଗଣ ବିରୁଦ୍ଧରେ ଗୁପ୍ତରେ ଛକି ବସିବା ପାଇଁ ସଦାପ୍ରଭୁ ଲୋକ ନିଯୁକ୍ତ କଲେ, ତହିଁରେ ସେମାନେ ପରାସ୍ତ ହେଲେ ।" (ଦ୍ଵି.ବଂଶା ୨୦:୨୧-୨୨) ସେମାନେ ପ୍ରଭୁଙ୍କ ଧନ୍ୟବାଦ ପ୍ରଶଂସା ଗାନ ଦ୍ଵାରା ଯୁଦ୍ଧରେ ଜୟୀ ହେଲେ । ତାହା କେବଳ ନୁହେଁ, ଲୋକମାନେ ଲୁଟ ଦ୍ରବ୍ୟରେ ବିସ୍ତାର ସମ୍ପତ୍ତି, ଓ ବହୁମୂଲ୍ୟ ରତ୍ନ ପାଇଲେ । ଲୁଟ ଦ୍ରବ୍ୟ ଏତେ ଅଧିକ ହେଲା ଯେ, ତାହା ବୋହି ନେବା ନିମନ୍ତେ ସେମାନଙ୍କୁ ତିନିଦିନ ଲାଗିଲା । ଯେତେ ଦିନ ପର୍ଯ୍ୟନ୍ତ ଯିହୋଶାଫଟ୍ ପରମେଶ୍ଵରଙ୍କ ଅନ୍ଵେଷଣ କଲେ, ସେତେଦିନ ପର୍ଯ୍ୟନ୍ତ ପରମେଶ୍ଵର ତାହାଙ୍କର ସହବର୍ତ୍ତୀ ଥିଲେ ।

ଅତିଶୟ ଧନବାନ ସମ୍ଭ୍ରାନ୍ତ ଓ ବିଜୟୀ ରାଜା ଯିହୋଶାଫଟ୍...ଆହବଙ୍କ ସହିତ କୁଟୁମ୍ବିତା... କରି ପରମେଶ୍ଵରଙ୍କ କ୍ରୋଧର ପାତ୍ର ହେଲେ । (ଦ୍ଵି.ବଂଶା ୧୮:୧) ମୀଖାୟ ଭବିଷ୍ୟଦବକ୍ତାଙ୍କ ସତର୍କ ସତ୍ତ୍ଵେ ସେ ଆହବଙ୍କ ସହିତ ରାମୋତ୍-ଗୋଲିୟଦ୍ଦ ବିରୁଦ୍ଧରେ ଯୁଦ୍ଧ କ୍ଷେତ୍ରକୁ ଯାଇଥିଲେ । ସେହି ଯୁଦ୍ଧରେ ଆହବ ହତ ହୋଇଥିଲେ । ଯେଉଁ ଦର୍ଶକ ଯିହୋଶାଫଟ୍‌ଙ୍କ ନିକଟକୁ ଆସି କହିଲେ, "......ଦୁଷ୍ଟମାନଙ୍କର ସାହାଯ୍ୟ କରିବା, ପୁଣି ଯେଉଁମାନେ ସଦାପ୍ରଭୁଙ୍କୁ ଘୃଣା କରନ୍ତି, ସେମାନଙ୍କୁ ପ୍ରେମ କରିବା କି ତୁମ୍ଭର କର୍ତ୍ତବ୍ୟ ? ଏହି କାର୍ଯ୍ୟ ହେତୁ ସଦାପ୍ରଭୁଙ୍କ ଠାରୁ ତୁମ୍ଭ ଉପରେ କୋପ ଉପସ୍ଥିତ ।" (୧୯:୨) ତାହାଙ୍କ ରାଜତ୍ଵର ଶେଷ ସମୟରେ, "..........ଯିହୂଦାର ରାଜା ଯିହୋଶାଫଟ ଇଶ୍ରାଏଲର ରାଜା ଅହସିୟଙ୍କ ସଙ୍ଗେ ମିଶିଲେ; ଅହସିୟ ଅତି ଦୁରାଚାରୀ ଥିଲେ । ଯିହୋଶାଫଟ୍ ତର୍ଶୀଶକୁ ଯିବାର ଜାହାଜ ନିର୍ମାଣ କରିବା ପାଇଁ ତାଙ୍କ ସଙ୍ଗେ ମିଶିଲେ, ଆଉ ସେମାନେ ଇତଥସିୟୋନ୍ ଗେବରରେ

ଜାହାଜମାନ ନିର୍ମାଣ କଲେ । ସେତେବେଳେ ମରେଶା ନିବାସୀ ଦୋଦବାହୂର ପୁତ୍ର ଇଲିୟସର ଯିହୋଶାଫଟ୍‌ଙ୍କ ବିରୁଦ୍ଧରେ ଏହି ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କହିଲା, ''ତୁମ୍ଭେ ଅହସିୟ ସଙ୍ଗେ ମିଶିଅଛ । ଏହେତୁ ସଦାପ୍ରଭୁ ତୁମ୍ଭର କର୍ମସବୁ ବିନାଶ କରିଅଛନ୍ତି । ତହିଁରେ ସେହି ସବୁ ଜାହାଜ ଭାଙ୍ଗିଗଲା, ତର୍ଶୀଶକୁ ଯାଇପାରିଲା ନାହିଁ ।'' (ଦ୍ୱି.ବଂଶା ୨୦:୩୫-୩୭)

ରାଜା ଯିହୋଶାଫଟ୍ ପରମେଶ୍ୱରଙ୍କ ଦୃଷ୍ଟିରେ ସିଦ୍ଧଭାବେ ଗମନ କରିବା ପର୍ଯ୍ୟନ୍ତ ପରମେଶ୍ୱର ତାହାଙ୍କୁ ସମ୍ଭ୍ରମ ଓ ଗୌରବ ଦେଲେ, କିନ୍ତୁ ଦୁଷ୍ଟରାଜା ଆହବ ଓ ଅହସିୟଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିବା ପରେ ପରମେଶ୍ୱରଙ୍କ କ୍ରୋଧ ସେମାନଙ୍କ ଉପରେ ବର୍ତ୍ତିଲା । ରାଜା ଶାଉଲଙ୍କ ଅନାଜ୍ଞାବହତା ଯୋଗୁଁ ତାହାଙ୍କ ହସ୍ତରୁ ଇଶ୍ରାଏଲ ରାଜ୍ୟ ନିଆଯାଇ ଦାଉଦଙ୍କୁ ଦିଆଯାଇଥିଲା । ଦାଉଦଙ୍କ ବେଥ୍‌ସେବାଙ୍କ ସହ ବ୍ୟଭିଚାର ଯୋଗୁଁ, ସଦାପ୍ରଭୁ ଇଶ୍ରାଏଲ ଦେଶକୁ ତିନିଦିନ ମହାମାରିରେ ସଂହାର କରିଥିଲେ । ଶଲୋମନଙ୍କ ବିଜାତୀୟ ସ୍ତ୍ରୀମାନଙ୍କ ପ୍ରଭାବରେ ସେ ପ୍ରତିମା ପୂଜା କରିବା ପ୍ରତିଫଳନ, ଇଶ୍ରାଏଲ ରାଜ୍ୟ ଦ୍ୱିଭାଗରେ ବିଭକ୍ତ ହୋଇଥିଲା । ଯିହୋଶାଫଟ ଇଶ୍ରାଏଲର ଦୁଷ୍ଟ ରାଜାମାନଙ୍କ ସହଭାଗିତା ଲୋଡ଼ିବାରୁ ଦଣ୍ଡିତ ହୋଇଥିଲେ । ପାଉଲ କହନ୍ତି, ''ଅବିଶ୍ୱାସୀମାନଙ୍କ ସହିତ ଅସମାନରୂପେ ଯୋଚା ନଯାଅ, କାରଣ ଧର୍ମ ଓ ଅଧର୍ମ ମଧ୍ୟରେ କି ସହଯୋଗିତା ? ଅବା ଅନ୍ଧକାର ସହିତ ଆଲୋକର କି ସହଭାଗିତା ? ବିଲିୟାମ ସହିତ ଖ୍ରୀଷ୍ଟଙ୍କର କି ମିଳନ ? କିମ୍ବା ଅବିଶ୍ୱାସୀ ସହିତ ବିଶ୍ୱାସୀର କି ଅଂଶ ? ପ୍ରତିମା ସହିତ ଈଶ୍ୱରଙ୍କ ମନ୍ଦିରର କି ସମ୍ବନ୍ଧ .... ?'' (୨ କରିନ୍ଥୀ ୬:୧୪,୧୫) । ହନୋକ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ଏବଂ ପରମେଶ୍ୱର ତାଙ୍କୁ ଅନ୍ତର୍ହିତ କଲେ । ପ୍ରତିମା ପୂଜକମାନଙ୍କ ସହିତ ସହଭାଗିତା ନ ରଖିବା ନିମନ୍ତେ ଅବ୍ରାହମ ଆପଣା ଦେଶରୁ କିଣାନ ଦେଶକୁ ଆହୂତ ହେଲେ । ଅବ୍ରାହମ ପରମେଶ୍ୱରଙ୍କ ଆଜ୍ଞାବହ ହେଲେ ଏବଂ ଆଶୀର୍ବାଦର କାରଣ ହେଲେ । ଫଟୀଫର ଭାର୍ଯ୍ୟାଙ୍କ ଦୁଷ୍ଟ ଆଲୋଚନା ଅଗ୍ରାହ୍ୟ କରି, ଯୋସେଫ ଈଶ୍ୱରଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ମୋଶା ଫରୋଙ୍କର କନ୍ୟାଙ୍କ ପୁତ୍ର ବୋଲି ଖ୍ୟାତ ହେବାକୁ ନାସ୍ତି କରି ଈଶ୍ୱରଙ୍କ ଲୋକଙ୍କ ସହିତ ବରଂ ଦୁଃଖଭୋଗିବାକୁ ପସନ୍ଦ କଲେ । (ଏବ୍ରୀ ୧୧:୨୪,୨୫) ଯିହୋଶୂୟ ଓ ତାହାଙ୍କ ପରିବାର ପରମେଶ୍ୱରଙ୍କୁ ସେବା କରିବା ଶ୍ରେୟସ୍କର ମଣିଥିଲେ । ରୂତ ଆପଣା ପ୍ରତିମାପୂଜକ ବନ୍ଧୁବାନ୍ଧବଙ୍କୁ ତ୍ୟାଗ କରି ଧାର୍ମିକା ଶାଶୁ ନୟୋମୀ ସହିତ ବାସ କରିଥିଲେ । କାରଣ, ''କୁସଂସର୍ଗ ଶିଷ୍ଟାଚାର ନଷ୍ଟ କରେ ।'' ବୋଲି ସେମାନେ ଜାଣିଥିଲେ ।'' ''ଟିକିଏ ବୋଲି ଖମୀର ପିଣ୍ଡୁଳାଯାକ ଖମୀରମୟ କରିନିଏ ।'' (ଗାଲାତି ୫:୯) ବୋଲି ବାକ୍ୟ ଆମ୍ଭମାନଙ୍କୁ ଚେତନା ଦେଇଥିବାରୁ, ଆମ୍ଭେମାନେ ଦୁଷ୍ଟମାନଙ୍କ ସହଭାଗିତାରୁ ଆପଣା ଆପଣାକୁ ପୃଥକ୍ ରଖୁ ।

ଆମ୍ଭମାନଙ୍କ ଆଦିମାତା ପରମେଶ୍ୱରଙ୍କ ସହଭାଗିତାରୁ ଦୂରେଇଯାଇ ପାପ କଲେ ଏବଂ ଦଣ୍ଡିତ ହେଲେ । ଏଷୌଙ୍କର ବିଜାତୀୟ ଭାର୍ଯ୍ୟାଗଣ ଏଷୌଙ୍କ ଅସନ୍ତୋଷର କାରଣ ଥିଲେ । ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲି, ପାପୀମାନଙ୍କ ମାର୍ଗରେ ଠିଆ ହୋଇ, ନିନ୍ଦକମାନଙ୍କ ସଭାରେ ବସିବା ଦ୍ୱାରା ମହାବିକ୍ରମଶାଳୀ ଶାମ୍ଶୋନ୍ଙ୍କ ପତନ ହେଲା । (ଗୀତ ୧:୧ ଓ ବିଚାରକର୍ତ୍ତା ୧୬ମ ଅଧ୍ୟାୟ) ଶଲୋମନଙ୍କ ବିଜାତୀୟ ଭାର୍ଯ୍ୟାମାନେ ଜ୍ଞାନୀ ଶଲୋମନଙ୍କୁ ପ୍ରତିମାପୂଜକ କରିଥିଲେ । ତଦ୍ୱାରା ଇଶ୍ରାଏଲ ରାଜ୍ୟ ବିଭକ୍ତ ହୋଇଥିଲା । (ପ୍ରଃ ରାଜାବଳି ୧୧:୧-୧୧)

ପୁରାକାଳରେ ଦୁଷ୍ଟମାନଙ୍କ ସହଭାଗିତାର ବିପଦ ଅନେକ ଥିଲା ଏବଂ ଏବେ ମଧ୍ୟ ତାହା ବିପଦଜନକ । ଯିହୋଶାଫଟଙ୍କୁ ବହୁଳରୂପେ ଆଶୀର୍ବାଦ କରିଥିବା ପରମେଶ୍ୱର ଦୁଷ୍ଟମାନଙ୍କ ସହଭାଗିତା ଯୋଗୁଁ ତାଙ୍କୁ ଯେପରି ଦଣ୍ଡିତ କରିଥିଲେ, ଆମ୍ଭମାନଙ୍କୁ ସେପରି ଦଣ୍ଡ ଦେବେ । "........ଈଶ୍ୱର ଆମ୍ଭମାନଙ୍କୁ କ୍ରୋଧର ପାତ୍ର ହେବା ନିମନ୍ତେ ନିରୂପଣ ନ କରି ବରଂ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ନିରୂପଣ କରିଅଛନ୍ତି ।" (୧ ଥେସ ୫:୯) । ମନୁଷ୍ୟର ପରିତ୍ରାଣ ନିମନ୍ତେ ପ୍ରେମମୟ ପିତା, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । ତାହାଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେବା ପ୍ରତ୍ୟେକେ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ କରାଯାନ୍ତି ଯେଉଁମାନେ ତାହାଙ୍କ ଓ ତାହାଙ୍କ ସ୍ଥାପିତ ମଣ୍ଡଳୀର ସହଭାଗିତାରେ ଜୀବନଯାପନ କରନ୍ତି ସେମାନେ ଅନନ୍ତ ଜୀବନର ଅଧିକାରୀ ହେବେ । ପାଉଲ କହନ୍ତି, "କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।" (ରୋମୀୟ ୬:୨୩) "ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ । କାରଣ ଜୀବନଦାୟକ ଆତ୍ମାଙ୍କ ବ୍ୟବସ୍ଥା ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ତୁମ୍ଭଙ୍କୁ ପାପ ଓ ମୃତ୍ୟୁଦାୟକ ବ୍ୟବସ୍ଥାରୁ ମୁକ୍ତ କରିଅଛି । (ରୋମୀୟ ୮:୧-୨) ଯୀଶୁ କହିଲେ, "କେହି ଯେବେ ମୋଠାରେ ନ ରହେ, ତାହାହେଲେ ସେ ଶାଖା ପରି ବାହାରେ ପକାଇ ଦିଆଯାଏ, ଶୁଖିଯାଏ ପୁଣି ଲୋକେ ସେଗୁଡ଼ାକ ଏକାଠି କରି ନିଆଁରେ ପକାଇ ଦିଅନ୍ତି ଓ ସେଗୁଡ଼ାକ ପୋଡ଼ିଯାଏ ।" (ଯୋହନ ୧୫:୬) ମନୁଷ୍ୟ ପରମେଶ୍ୱରଙ୍କ ଏବଂ ଜଗତ ଉଭୟ ସଙ୍ଗେ ସହଭାଗିତା ରଖିନପାରେ । ଆମ୍ଭମାନଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ବାକ୍ୟ ଓ ପ୍ରାର୍ଥନା ଦ୍ୱାରା ଖ୍ରୀଷ୍ଟଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ବାକ୍ୟ ଓ ପ୍ରାର୍ଥନା ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ସହଭାଗିତା ରଖିଲେ ଶେଷରେ ଜୀବନରୂପ ମୁକୁଟ ପାଇପାରିବା । ଆଦିମ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଲେଖାଯାଏ, "ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା

କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨:୪୨) । ଅତଏବ ଖ୍ରୀଷ୍ଟଙ୍କ ସହଭାଗିତାରେ ରହିବା ନିମନ୍ତେ ଆମ୍ଭମାନଙ୍କୁ (୧) ପ୍ରେରିତମାନଙ୍କ ଶିକ୍ଷାରେ (୨) ସହଭାଗିତାରେ (୩) ରୋଟୀ ଭାଙ୍ଗିବାରେ (୪) ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିବା ଆବଶ୍ୟକ । ଯେ ଖ୍ରୀଷ୍ଟଙ୍କ ସପକ୍ଷ ନୁହେଁ, ସେ ଖ୍ରୀଷ୍ଟଙ୍କ ବିପକ୍ଷ ଅଟେ ।

ସାଧୁମାନଙ୍କ ସହିତ ଆମ୍ଭମାନଙ୍କ ସହଭାଗିତା ଆମ୍ଭମାନଙ୍କୁ ଆତ୍ମିକଭାବେ ସବଳ କରେ ଓ ଦୁଷ୍ଟମାନଙ୍କ ସହଭାଗିତା ଯୋଗୁଁ ପରମେଶ୍ୱରଙ୍କ କ୍ରୋଧ ବର୍ତ୍ତେ । ଯାକୁବ କହନ୍ତି, ''ହେ ବ୍ୟଭିଚାରୀଣୀମାନେ, ଜଗତର ମିତ୍ରତା ଯେ ଈଶ୍ୱରଙ୍କ ଶତ୍ରୁତା, ଏହା କଅଣ ଜାଣ ନାହିଁ ? ଅତଏବ ଯେକେହି ଜଗତର ମିତ୍ର ହେବାକୁ ଇଚ୍ଛା କରେ, ସେ ଆପଣାକୁ ଈଶ୍ୱରଙ୍କ ଶତ୍ରୁ ବୋଲି ପ୍ରତିପନ୍ନ କରେ ।'' (ଯାକୁବ ୪:୪) ଯଦି ଆପଣ ଈଶ୍ୱରଙ୍କ ମିତ୍ର ହେବାକୁ ଇଚ୍ଛୁକ, ଜଗତର ମିତ୍ରତାରୁ ଆପଣାକୁ ପୃଥକ୍ ରଖ । ନଚେତ୍ ଯିହୋଶାଫଟ୍‌ଙ୍କ ସଦୃଶ୍ୟ ଆପରଙ୍କ ଉପରେ ଈଶ୍ୱରଙ୍କ କ୍ରୋଧ ବର୍ତ୍ତିବ ।

**- Kabita Gootam**

# ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବା
## (Confessing Christ)

ପରମେଶ୍ୱରଙ୍କ ପରିତ୍ରାଣ ଯୋଜନାରେ ଯୀଶୁଖ୍ରୀଷ୍ଟଙ୍କୁ ଜୀବିତ ପରମେଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର ଅନ୍ତର୍ଭୁକ୍ତ ଅଟେ । ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରି, ଆମ୍ଭେମାନେ ଆପଣା ବିଶ୍ୱାସ ଅନ୍ୟମାନଙ୍କ ନିକଟରେ ପ୍ରଚାର କରୁ ଥାଉଁ । କାଇସରିୟା ଫିଲିପୀ ଅଞ୍ଚଳରେ ପ୍ରଭୁ ଯୀଶୁ ସଂଚାର କରିବା ବେଳେ, ଆପଣା ଶିଷ୍ୟମାନଙ୍କୁ ପଚାରିଲେ, ''.......ମନୁଷ୍ୟପୁତ୍ର କିଏ ବୋଲି ଲୋକେ କଅଣ କହନ୍ତି ?'' (ମାଥିଉ ୧୬:୧୩-୧୯) । ଖ୍ରୀଷ୍ଟ ହିଁ ମଶୀୟ ଅଟନ୍ତି ବୋଲି ଅନେକ ବିଶ୍ୱାସ କରୁନଥିଲେ, ସେ ବାପ୍ତିଜକ ଯୋହନ ବୋଲି ଅନେକ ମନେ କରୁଥିଲେ । କେହି କେହି ଏଲିୟ, ଆଉ କେହି କେହି ଯିରିମିୟ ଅବା ଭାବବାଦୀମାନଙ୍କ ମଧ୍ୟରୁ ଜଣେ ବୋଲି ମନେ କରୁଥିଲେ । କିନ୍ତୁ ଶିମୋନ ପିତର, ଯୀଶୁଖ୍ରୀଷ୍ଟ ଜୀବିତ ଈଶ୍ୱରଙ୍କ ପୁତ୍ର ବୋଲି ସୁନିଶ୍ଚିତ ଥିଲେ । ସେ କହିଲେ, ''...ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' (୧୬ମ ପଦ) । ''ଏଥିରେ ଯୀଶୁ ତାଙ୍କୁ ଉତ୍ତର ଦେଲେ, ହେ ଯୂନସର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରିନାହିଁ, ବରଂ ମୋହର ସ୍ୱର୍ଗର ପିତା ପ୍ରକାଶ

କରିଅଛନ୍ତି।'' (୧୭ମ ପଦ) ପିତରଙ୍କ ଏହି ବିଶ୍ୱାସ ଯେଉଁମାନେ ସ୍ୱୀକାର କରନ୍ତି, ସେମାନେ ଧନ୍ୟ।

ଯେଉଁମାନେ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରନ୍ତି, ସେମାନେ ତାହାଙ୍କ ଦୈବିକତା ସ୍ୱୀକାର କରନ୍ତି। ଯୋହନଙ୍କ ଭାଷାରେ, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ।'' (ଯୋହନ ୧:୧) ସେହି ବାକ୍ୟ ବିଷୟରେ ବର୍ଣ୍ଣନା କରି କହନ୍ତି, ''ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ....।'' (ଯୋହନ ୧:୧୪) ଯୀଶୁ ଇମ୍ମାନୁୟେଲ ଅଟନ୍ତି, ଏହି ନାମର ଅର୍ଥ ଆମ୍ଭମାନଙ୍କ ସହିତ ଈଶ୍ୱର।'' (ମାଥିଉ ୧:୨୩)। ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ସମୟରେ, ଆମ୍ଭେମାନେ ସେ କନ୍ୟାଙ୍କଠାରୁ ଜାତ ବୋଲି ମଧ୍ୟ ସ୍ୱୀକାର କରୁଅଛୁ। (ଯିଶାଇୟ ୭:୪, ମାଥିଉ ୧:୨୩)। ସେ ପାପ ରହିତ, ସିଦ୍ଧ ଜୀବନଯାପନ କରିଥିଲେ ବୋଲି ମଧ୍ୟ ସ୍ୱୀକାର କରୁ। (୧ମ ପିତର ୨:୨୧,୨୨, ଏବ୍ରୀ ୪:୧୪,୧୫) ଯୀଶୁଖ୍ରୀଷ୍ଟଙ୍କ କୃତ ଆଶ୍ଚର୍ଯ୍ୟ କ୍ରିୟା ସକଳ ତାହାଙ୍କ ଐଶ୍ୱରିକତା ପ୍ରମାଣ କରେ। (ଯୋହନ ୩:୨, ୨୦:୩୦,୩୧)

ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରି, ଆମ୍ଭେମାନେ ତାହାଙ୍କ ଆଧିପତ୍ୟ ସ୍ୱୀକାର କରୁଅଛୁ। ମୋଶା, କିଅବା ଏଲିୟ କିଅବା କୌଣସି ଭାବବାଦୀମାନଙ୍କ ଅଧିକାରୀ ନୁହଁନ୍ତି, କିନ୍ତୁ ଖ୍ରୀଷ୍ଟଙ୍କ ଆଜ୍ଞା ଶ୍ରବଣ କରିବାରେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ। (ମାଥିଉ ୧୭:୫) ଶେଷ ବିଚାର ଦିନରେ ତାହାଙ୍କ ଦ୍ୱାରା ଓ ତାହାଙ୍କ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାରିତ ହେବା। (ଯୋହନ ୧୨:୪୮, ପ୍ରେରିତ ୧୭:୩୦,୩୧)

ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବାର ଆଉ ଏକ ଅର୍ଥ ହେଲା, ଆମ୍ଭେମାନେ ଆପଣା ଆପଣାକୁ ତାହାଙ୍କ ଦାସ ରୂପେ ସ୍ୱୀକାର କରୁ। ପାଉଲ କହନ୍ତି,''କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ, ଏବେ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ସେଥିର ଆଜ୍ଞାବହ ହୋଇଅଛ।'' (ରୋମୀୟ ୬:୧୭,୧୮)। ଆମ୍ଭେମାନେ କାହାର ଦାସ ହେବାକୁ ଇଚ୍ଛୁକ, ତାହା ଆମ୍ଭମାନଙ୍କୁ ନିର୍ଣ୍ଣୟ କରିବା ଆବଶ୍ୟକ। (ମାଥିଉ ୬:୨୪)। ତାହାଙ୍କଠାରେ ବିଶ୍ୱାସ କରିବାର ଅନ୍ୟ ଅର୍ଥ ହେଲା, ତାହାଙ୍କ ଆଜ୍ଞା ପାଳନ କରିବା। (ମାଥିଉ ୭:୨୧-୨୩, ଯୋହନ ୧୪,୧୫)

କାଇସରିୟା ଫିଲିପୀ ଅଞ୍ଚଳରେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ବ୍ୟତୀତ, ପିତର ଅନ୍ୟାନ୍ୟ ସମୟରେ ମଧ୍ୟ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିଥିଲେ। (ଯୋହନ ୬:୬୯)

ପିତରଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ଯୀଶୁଙ୍କୁ ଜୀବିତ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିଥିଲେ । ଖ୍ରୀଷ୍ଟଙ୍କ ବିଷୟରେ ବାପ୍ତିଜକ ଯୋହନ କହିଲେ, ''ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇଯାଆନ୍ତି ।'' (ଯୋହନ ୧:୨୯) । କୂଶଦେଶୀୟ ନପୁଂସକଙ୍କୁ ଫିଲିପ ଖ୍ରୀଷ୍ଟଙ୍କୁ ପ୍ରଚାର କରିବା ପରେ ସେ କହିଲେ,''........ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଅଛି ।'' (ପ୍ରେରିତ ୮:୩୭) । ନପୁଂସକଙ୍କ ବିଶ୍ୱାସ ବିଷୟରେ ଫିଲିପ ଜ୍ଞାତ ହେବାର ଏହା କେବଳ ଏକମାତ୍ର ମାର୍ଗ ଥିଲା । ସେ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରିବା ପରେ, ଫିଲିପ ତାହାଙ୍କୁ ବାପ୍ତିସ୍ମ ଦେଇଥିଲେ । (ପ୍ରେରିତ ୮:୩୮) । ଆମ୍ଭେମାନେ ଯଦି ସ୍ୱର୍ଗକୁ ଯିବାକୁ ଇଚ୍ଛୁକ, ନପୁଂସକ ସଦୃଶ୍ୟ ଆମ୍ଭମାନଙ୍କୁ ମଧ୍ୟ ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର କରିବା ଆବଶ୍ୟକ । (ମାଥିଉ ୧୦:୩୨, ୧ମ ଯୋହନ ୪:୧୫)

ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିନଥିବା ବ୍ୟକ୍ତିମାନଙ୍କ ବିଷୟରେ ମଧ୍ୟ ବାଇବଲରେ ଲିଖିତ ହୋଇଅଛି । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଦୃଷ୍ଟିଶକ୍ତି ପାଇଥିବା ଅନ୍ଧବ୍ୟକ୍ତିଙ୍କ ପିତାମାତା ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିନଥିଲେ । (ଯୋହନ ୯:୨୨) ଅନେକ ଅଧିକାରୀମାନେ ତାହାଙ୍କ ଠାରେ ବିଶ୍ୱାସ କରିନଥିଲେ । (ଯୋହନ ୧୨:୪୨,୪୩) । ସେମାନେ ତାହାଙ୍କ ଠାରେ ବିଶ୍ୱାସ କଲେ, କିନ୍ତୁ ସ୍ୱୀକାର କଲେ ନାହିଁ, ତେଣୁକରି ସେମାନେ ପରିତ୍ରାଣପ୍ରାପ୍ତ ହୋଇପାରିନଥିଲେ । ଏତଦ୍ୱାରା ବିଶ୍ୱାସ କେବଳ ଆମ୍ଭମାନଙ୍କୁ ରକ୍ଷା କରିପାରେ ନାହିଁ ବୋଲି ଜାଣିପାରିଲୁ ।

ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ବିନୁ କେହି ଖ୍ରୀଷ୍ଟିୟାନ ହୋଇପାରେ ନାହିଁ । (ରୋମ ୧୦:୯,୧୦) ଦିନ ଆସିବ, ଯେତେବେଳେ ପ୍ରତ୍ୟେକ ଜିହ୍ୱା ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବ (ରୋମୀୟ ୧୪:୧୧,୧୨, ଫିଲିପ ୨:୯-୧୧) । ଆମ୍ଭେମାନେ ଯଦି ବିଚାର ଦିନ ପର୍ଯ୍ୟନ୍ତ ତାହାଙ୍କୁ ସ୍ୱୀକାର କରିବା ନିମନ୍ତେ ଅପେକ୍ଷା କରୁ, ପରିତ୍ରାଣ ପାଇବା ନିମନ୍ତେ ଆମ୍ଭମାନଙ୍କୁ ସୁଯୋଗ ମିଳିବ ନାହିଁ । ''ଦେଖ, ଏହା ମହା ଅନୁଗ୍ରହର ସମୟ ଦେଖ, ଏବେ ପରିତ୍ରାଣର ଦିନ ।'' (୨ କରିନ୍ଥୀ ୬:୨) ଯଦି ଆପଣ ଯୀଶୁଖ୍ରୀଷ୍ଟଙ୍କୁ ଜୀବିତ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରୁଅଛନ୍ତି, ଆଜି ହିଁ ସ୍ୱୀକାର କରି ବାପ୍ତିଜିତ ହୁଅନ୍ତୁ । (ଗାଲାତୀ ୩:୨୬,୨୭)

**- John Grubb**

# ଆତ୍ମୀୟ ଉପାସନା
## (Spiritual Worship)

ଶମରୋଣୀୟ ସ୍ତ୍ରୀ ସହିତ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କଥାବାର୍ତ୍ତା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟିୟାନ ଉପାସନାର ଅନେକ ସତ୍ୟତା ଜାଣିପାରୁ । ସେହି ସ୍ତ୍ରୀ, ଲୋକେ ଶମିରୋଣରେ କିଅବା ଯିରୂଶାଲମରେ ଉପାସନା କରିବା ଆବଶ୍ୟକ ବୋଲି ପ୍ରଶ୍ନ କରିଥିଲେ । ଉପାସନାର ସ୍ଥାନ ଠାରୁ, ଉପାସନାର ଉଦ୍ଦେଶ୍ୟ ମୁଖ୍ୟ ଅଟେ ବୋଲି ଯୀଶୁ ସେହି ସ୍ତ୍ରୀକୁ ଉତ୍ତର ଦେଇଥିଲେ ।

ବାବିଲୋନ ବନ୍ଦୀତ୍ୱରୁ ଯିହୂଦୀମାନେ ଫେରିବା ପରେ ଶମିରୋଣମାନଙ୍କ ଉପାସନା ଆରମ୍ଭ ହୋଇଥିଲା । ଯିରୂଶାଲମ ମନ୍ଦିର ଓ ଯିରୂଶାଲମ ପୁନଃନିର୍ମାଣରେ ଶମିରୋଣୀୟମାନେ ସହଯୋଗ ନ ଦେଇ, ଆପଣାମାନଙ୍କ ନିମନ୍ତେ ସେହିସ୍ଥାନରେ ସେମାନେ ଯୀଶୁଖ୍ରୀଷ୍ଟଙ୍କ ସମୟ ପର୍ଯ୍ୟନ୍ତ ଉପାସନା କରୁଥିଲେ ।

ସେହି ସ୍ତ୍ରୀ, ଯୀଶୁଖ୍ରୀଷ୍ଟଙ୍କୁ ଏକ ଭାବବାଦୀ ମନେ କରି, ଉପାସନାର ଉପଯୁକ୍ତ ସ୍ଥାନ ବିଷୟରେ ପ୍ରାଧାନ୍ୟତା ନଦେଇ ଖ୍ରୀଷ୍ଟିୟାନ ଯୁଗର ଉପାସନା ପଦ୍ଧତି ଉପରେ ପ୍ରାଧାନ୍ୟତା ଦେଇଥିଲେ । (ଯୋହନ ୪:୧୯-୨୪)

ଆମ୍ଭମାନଙ୍କ ଉପାସନାର ଦୁଇଟି ମୁଖ୍ୟ ଭାବ : (୧) ଆତ୍ମା (୨) ସତ୍ୟତା । ଆତ୍ମା ଓ ସତ୍ୟତା ବିନା ଉପାସନା ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ । ଈଶ୍ୱର ଆତ୍ମା ଅଟନ୍ତି, ତେଣୁ ଆମ୍ଭେମାନେ ତାହାଙ୍କୁ ଆତ୍ମାରେ ଅନ୍ତର ସହିତ ଉପାସନା କରିବା ଆବଶ୍ୟକ । ଗୀତ ଗାୟନ ବିଷୟରେ ପାଉଲ କହନ୍ତି,"......ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର ।" (ଏଫିସୀ ୫:୧୯)

୧ମ କରିନ୍ଥୀ ଚତୁର୍ଦ୍ଦଶ ଅଧ୍ୟାୟରେ ଖ୍ରୀଷ୍ଟିୟାନମାନଙ୍କ ମଣ୍ଡଳୀ ଉପାସନା ବିଷୟରେ ବର୍ଣ୍ଣନା କରାଯାଏ । ଆତ୍ମୀୟ ଉପାସନାର ତିନୋଟି ମୁଖ୍ୟ ଆବଶ୍ୟକତା ବିଷୟରେ ପାଉଲ ଏଠାରେ ଆମ୍ଭମାନଙ୍କୁ ଜଣାନ୍ତି । (୧) ବୁଦ୍ଧି ଓ ଜ୍ଞାନ ସହିତ (୧୫ମ ପଦ) (୨) ନିଷ୍ଠାଜନକ (୨୬ମ ପଦ) (୩) ବିହିତମତେ ଓ ସୁଧାରାନୁସାରେ । (୪୦ମ ପଦ) ଖ୍ରୀଷ୍ଟିୟ ଉପାସନା ଉପରୋକ୍ତ ତିନୋଟି ବିଷୟ ବିନୁ ନିସାର ଓ ଅଗ୍ରାହ୍ୟ ହୁଏ ।

ଦ୍ୱିତୀୟରେ, ଆମ୍ଭମାନଙ୍କ ଉପାସନା ଈଶ୍ୱରଙ୍କ ବାକ୍ୟାନୁଯାୟୀ ନଥିଲେ ତାହା ସଙ୍ଗେ ଉପାସନା ହୋଇପାରେ ନାହିଁ । ଉପାସନାର ଚାରୋଟି ବିଷୟରେ ଆମ୍ଭେମାନେ ଧ୍ୟାନ ଦେବା ଆବଶ୍ୟକ ।

(୧) ଆମ୍ଭମାନଙ୍କ ଉପାସନା ଆଜ୍ଞାବହତାର ଉପାସନା ହେଉ । ବାଇବଲର ପ୍ରଥମ ଉପାସକ କୟିନ ଓ ହେବଲଙ୍କ ଜୀବନରୁ ଏହି ବିଷୟ ଆମ୍ଭମାନଙ୍କୁ ସୁସ୍ପଷ୍ଟ ହୁଏ । କୟିନ ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ପଶୁବଳି ଅର୍ପଣ ନ କରି ଭୂମିପ୍ରନ ଫଳ ଉତ୍ସର୍ଗ କରିଥିଲେ । କିନ୍ତୁ ହେବଲ ପରମେଶ୍ୱରଙ୍କୁ ପଶୁବଳି ଅର୍ପଣ କରି, ତାହାଙ୍କ ତୃଷ୍ଟ ହୋଇଥିଲେ । (ଏବ୍ରୀ ୧୧:୪)

(୨) ସତ୍ୟ ଉପାସନାରେ ପରମେଶ୍ୱରଙ୍କ ଆଜ୍ଞାପିତ ଉପକରଣ ହିଁ ବ୍ୟବହାର କରିବା ଆବଶ୍ୟକ । ପରମେଶ୍ୱରଙ୍କ ଦ୍ୱାରା ଆଜ୍ଞାପିତ ହୋଇନଥିବା ଅଗ୍ନି ନାଦୋବ ଓ ଅବୀହୂ ବ୍ୟବହାର କରି ଯଜ୍ଞବେଦୀ ନିକଟରେ ହତ ହୋଇଥିଲେ । ଯେଉଁ ବିଷୟରେ ଆଜ୍ଞ କରିନାହାନ୍ତି । ତାହା ସେ ଗ୍ରହଣ କରିବେ ନାହିଁ । (ମାଥିଉ ୧୫:୭-୯)

(୩) ଉପାସନା ଦ୍ୱାରା ପରମେଶ୍ୱର ଗୌରବାନ୍ୱିତ ହୁଅନ୍ତି । ଉପାସନା ମନୁଷ୍ୟର ବିକାସ ନିମନ୍ତେ ନୁହେଁ । ଉପାସନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରୁ, ମନୁଷ୍ୟକୁ ନୁହେଁ । ସମସ୍ତ ଗୌରବ, ସମ୍ମାନ ଓ ମହିମା ପରମେଶ୍ୱରଙ୍କ ଅଟେ ।

(୪) ଉପାସନାର ପ୍ରତ୍ୟେକ ଅଂଶର ଏକ ବିଶେଷ ଉଦ୍ଦେଶ୍ୟ ରହିଅଛି । ପ୍ରଭୁଭୋଜ ପାଳନ ଦ୍ୱାରା ଆମ୍ଭେମାନେ ତାହାଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ, ସମାଧି ଓ ପୁନଃରୁତ୍ଥାନ ପ୍ରକଟ କରୁ । ବାକ୍ୟ ଉପଦେଶ ଦ୍ୱାରା ପରମେଶ୍ୱର ଆମ୍ଭମାନଙ୍କ ସହିତ କଥା କହନ୍ତି । ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ସହିତ କଥା କହିବାକୁ ସୁଯୋଗ ପାଇଥାଉ । ଗୀତ ଗାଇବା ଦ୍ୱାରା ଆମ୍ଭେମାନେ ଏକକୁ ଆରେକ ଉତ୍ସାହ ଦେଇ, ପ୍ରଭୁଙ୍କୁ ଗୌରବାନ୍ୱିତ କରୁ । ଚାନ୍ଦା ଦେବା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ପ୍ରକାଶ କରୁ । ଖ୍ରୀଷ୍ଟିୟାନମାନଙ୍କ ଚାନ୍ଦା ଦ୍ୱାରା ମଣ୍ଡଳୀର କାର୍ଯ୍ୟ ସମ୍ପନ୍ନ ହୁଏ ।

ଯୀଶୁଖ୍ରୀଷ୍ଟଙ୍କ ବକ୍ତବ୍ୟ ବିଷୟ ଶମିରୋଣୀୟ ସ୍ତ୍ରୀ ଯଦିଓ ସୁସ୍ପଷ୍ଟ ଭାବେ ବୁଝିପାରିନଥିଲା, ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ଜୀବନଦାୟକ ଅଟେ । ଆମ୍ଭମାନଙ୍କ ଖ୍ରୀଷ୍ଟିୟ ଜୀବନର ଅଭିବୃଦ୍ଧି ଆମ୍ଭମାନଙ୍କ ଉପାସନା ଉପରେ ନିର୍ଭର କରେ । ଆସ ଆମ୍ଭେମାନେ ତାହାଙ୍କୁ ସତ୍ୟ ଓ ଆତ୍ମାରେ ଉପାସନା କରି ଖ୍ରୀଷ୍ଟିୟାନ ଜୀବନରେ ଆଗେଇ ଯାଉ ।

**- Walter Swain**

# ଆପଣଙ୍କ ସ୍ମରଣାର୍ଥେ...
## (Aids to Remember...)

୧ମ କରିନ୍ଥୀ ୧୧:୨୪-୨୫ ପଦଗୁଡ଼ିକରେ ପ୍ରେରିତ ପାଉଲ ନିୟମିତଭାବେ ପ୍ରଭୁଭୋଜ ପାଳନ କରି ପ୍ରଭୁଯୀଶୁଙ୍କ ମରଣ ସ୍ମରଣ କରିବା ନିମନ୍ତେ ମଣ୍ଡଳୀକୁ ନିର୍ଦ୍ଦେଶ ଦିଅନ୍ତି । ପ୍ରଭୁଭୋଜ ପାଳନ କରିବାରେ ଆମ୍ଭେମାନେ ତାହାଙ୍କ ମରଣ, ସମାଧି ଓ ଉତ୍ଥାନ ସ୍ମରଣ କରି, ତାହାଙ୍କ ମୃତ୍ୟୁ ପ୍ରଚାର କରୁ । ଏହା ଏକ ନିୟମିତ ସାପ୍ତାହିକ ସ୍ମାରକ ଭୋଜନ । ଅନେକ ସମୟରେ ଆମ୍ଭେମାନେ ଏହାର ପ୍ରକୃତ ଅର୍ଥ ଭୁଲିଯାଇ ଅଭ୍ୟାସଗତଭାବେ ପାଳନ କରିଥାଉଁ । ଆମ୍ଭମାନଙ୍କ ତ୍ରାଣକର୍ତ୍ତାଙ୍କ ମହାତ୍ୟାଗରୂପ ମରଣ, ସମାଧି ଓ ଉତ୍ଥାନ ପ୍ରଭୁଭୋଜ ସମୟରେ ସ୍ମରଣ କରିବା ନିମନ୍ତେ କେତୋଟି ସରଳ ସୂତ୍ର :-

**ଏକପ୍ରଭୁ :** ''ଏକ ପ୍ରଭୁ, ଏକ ବିଶ୍ୱାସ, ଏକ ବାପ୍ତିସ୍ମ, ସମସ୍ତଙ୍କ ଏକ ଈଶ୍ୱର ଓ ପିତା ।'' (ଏଫିସୀ ୪:୫) । ଏକ ପ୍ରଭୁ ଅର୍ଥାତ୍ ସମସ୍ତ ଆଧିପତ୍ୟ ତାହାଙ୍କ ଅଟେ । ଆମ୍ଭେମାନେ ତାହାଙ୍କ ଦ୍ୱାରା ବିଶେଷ ମୂଲ୍ୟରେ କ୍ରୀତ ହୋଇଅଛୁ । (୧ମ କରିନ୍ଥୀ ୬:୨୦) ଯୀଶୁ କହିଲେ,''ମୁଁ, ପଥ, ସତ୍ୟ ଓ ଜୀବନ, ମୋ' ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।'' (ଯୋହନ ୧୪:୬) । ତାହାଙ୍କ ମୃତ୍ୟୁରେ ଆମ୍ଭେମାନେ ଜୀବନ ପାଇଅଛୁ ।

**ଦୁଇ ଚୋର :** ମାଥିଉ ୨୭:୩୮ କହେ,''ସେତେବେଳେ ତାହାଙ୍କ ଦକ୍ଷିଣ ପାର୍ଶ୍ୱରେ ଜଣେ ଓ ବାମ ପାର୍ଶ୍ୱରେ ଜଣେ ଏହିପରି ଦୁଇଜଣ ଡକାଇତ ତାହାଙ୍କ ସହିତ କ୍ରୁଶରେ ଚଢ଼ାଗଲେ ।'' ଏହି ବିଷୟ ଭାବବାଦୀ ଯିଶାଇୟଙ୍କ ଦ୍ୱାରା ଭବିଷ୍ୟଦ୍‌ବାଣୀ ଦ୍ୱାରା ପ୍ରକଟ ହୋଇଥିଲା, ''.......ସେ ମୃତ୍ୟୁମୁଖରେ ଆପଣା ପ୍ରାଣ ଢ଼ାଳିଦେଲେ ଓ ଅଧାର୍ମିକମାନଙ୍କ ସହିତ ଗଣିତ ହେଲେ.....'' (ଯିଶାଇୟ ୫୩:୧୨) । ଦୋଷୀମାନଙ୍କ ନିମନ୍ତେ ନିର୍ଦ୍ଦୋଷୀ ଆପଣାକୁ ଉତ୍ସର୍ଗ କଲେ ।

**ତିନି କ୍ରୁଶ :** ପ୍ରଥମ କ୍ରୁଶ ବିଦ୍ରୋହୀ ଦୁଷ୍କର୍ମଚାରୀର କ୍ରୁଶ ଯେ ପ୍ରଭୁଙ୍କୁ କହିଲେ,''ତୁ କଅଣ ଖ୍ରୀଷ୍ଟ ନୋହୁଁ ? ନିଜକୁ ଓ ଆମ୍ଭମାନଙ୍କୁ ରକ୍ଷା କର । ଯେ ଅନ୍ୟ ଜଣକୁ ଧମକ ଦେଇ କହିଲା, ''ଆମ୍ଭେମାନେ ସିନା ନ୍ୟାୟଭାବରେ ଦଣ୍ଡ ଭୋଗୁଅଛୁ କାରଣ ଆମ୍ଭେମାନେ ନିଜ ନିଜ କର୍ମର ସମୁଚିତ ଫଳ ପାଉଅଛୁ ।'' ସେ କହିଲା,''ହେ ଯୀଶୁ, ଆପଣ ନିଜ ରାଜ୍ୟରେ ପ୍ରବେଶ କଲେ ମୋତେ ସ୍ମରଣ କରିବେ ।'' (ଲୂକ ୨୩:୩୯-୪୦) ତୃତୀୟ କ୍ରୁଶ, ଆମ୍ଭମାନଙ୍କ ପରିତ୍ରାଣର କ୍ରୁଶ, ଯାହା ଉପରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ଅର୍ପଣ କରିଥିଲେ ।

**ଚାରିଭାଗରେ ଚିରା ତାହାଙ୍କ ବସ୍ତ୍ର :** "ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶରେ ଚଢ଼ାଇବା ଉତ୍ତାରେ ତାହାଙ୍କ ବସ୍ତ୍ର ଘେନି ଚାରିଭାଗ କଲେ, ପ୍ରତ୍ୟେକ ସୈନ୍ୟ ପାଇଁ ଏକ ଏକ ଭାଗ, ଆଉ ସେମାନେ ତାହାଙ୍କ ଅଙ୍ଗରକ୍ଷା ମଧ୍ୟ ନେଲେ । ସେହି ଅଙ୍ଗରକ୍ଷା ସିଲାଇ ନହୋଇ ଉପରୁ ତଳ ଯାଏ ସମୁଦାୟ ବୁଣା ହୋଇଥିଲା ।" (ଯୋହନ ୧୯:୨୩)

**ପାଞ୍ଚକ୍ଷତ :** କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କ ଦୁଇହସ୍ତ ଓ ଦୁଇପାଦରେ ମେଖ ମରାଯାଇଥିଲା । ସୈନ୍ୟମାନଙ୍କ ଦ୍ୱାରା ବର୍ଚ୍ଛାରେ ତାହାଙ୍କ କକ୍ଷଦେଶରେ ବିନ୍ଧା ଗଲା (ଯୋହନ ୧୯:୩୪)

**ଛଅଘଣ୍ଟା :** (ମାର୍କ ୧୫:୨୫-୩୪) ଦୀର୍ଘ ଛଅଘଣ୍ଟା ସେ କ୍ରୁଶ ଉପରେ ଯନ୍ତ୍ରଣା ଭୋଗିଲେ । ଆକାଶ ଓ ପୃଥିବୀ ମଧ୍ୟରେ ସେ ଦୀର୍ଘ ଛଅଘଣ୍ଟା ଝୁଲି ଆମ୍ଭମାନଙ୍କ ପାପ ନିମନ୍ତେ ପ୍ରାୟଶ୍ଚିତ କଲେ, ବାରଘଣ୍ଟା ଠାରୁ ତିନିଘଣ୍ଟା ପର୍ଯ୍ୟନ୍ତ ଦେଶଯାକ ଅନ୍ଧକାର ଘୋଟିଗଲା ।

**ସାତଟି ଯୀଶୁଙ୍କ କ୍ରୁଶୀୟ କଥନ :** (୧) ତାହାଙ୍କ କ୍ରୁଶରେ ବଧ କରୁଥିବା ଲୋକମାନଙ୍କୁ କ୍ଷମା କରିବା ନିମନ୍ତେ ପ୍ରଭୁ ପିତା ପରମେଶ୍ୱରଙ୍କୁ ଅନୁରୋଧ କରି କହିଲେ, "........ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି ତାହା ଜାଣନ୍ତି ନାହିଁ ।" (ଲୁକ ୨୩:୨୪) (୨) କ୍ରୁଶ ଉପରେ ଟଙ୍ଗା ଯାଇ ମନ ପରିବର୍ତ୍ତନ କରିଥିବା ଡକାଇତକୁ ପ୍ରଭୁ କହିଲେ,".......ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ "ପାରଦୀଶ"ରେ ଉପସ୍ଥିତ ହେବ ।" (ଲୁକ ୨୩:୪୩) (୩) ଯୀଶୁ ଆପଣା ମାତା ମରିୟମଙ୍କୁ ଓ ଯୋହନଙ୍କୁ ତାହାଙ୍କ ପାଖରେ ଠିଆ ହୋଇଥିବା ଦେଖି ମାତାଙ୍କୁ କହିଲେ, "ଗୋ ନାରୀ, ଦେଖ, ତୁମ୍ଭର ପୁତ୍ର " (ଯୋହନ ୧୯:୨୬-୨୬) (୪) ".......ମୋତେ ତୃଷା ଲାଗୁଅଛି ।" (ଯୋହନ ୧୯:୨୮) (୫) "ଆଉ, ପ୍ରାୟ ତିନି ଘଣ୍ଟା ସମୟରେ ଯୀଶୁ ଉଚ୍ଚ ସ୍ୱରରେ ଡାକି କହିଲେ, ଏଲୀ, ଏଲୀ ଲାମା, ସବକଥାନୀ ? ଅର୍ଥାତ୍ ହେ ମୋହର ଈଶ୍ୱର ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ?" (ମାଥିଉ ୨୭:୪୬) (୬) "ସେଥିରେ ଯୀଶୁ ସେହି ଅମ୍ଳରସ ପାନ କରି କହିଲେ, ସମାପ୍ତ ହେଲା, ଆଉ ସେ ମସ୍ତକ ଅବନତ କରି ପ୍ରାଣତ୍ୟାଗ କଲେ ।" (ଯୋହନ ୧୯:୩୦) (୭) "ଆଉ, ଯୀଶୁ ଉଚ୍ଚ ସ୍ୱରରେ ଡାକି କହିଲେ,"ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି, ଏହା କହି ସେ ପ୍ରାଣତ୍ୟାଗ କଲେ ।" (ଯୋହନ ୧୯:୪୬)

ଖ୍ରୀଷ୍ଟଙ୍କ ମରଣ ସ୍ମରଣାର୍ଥେ ଆମ୍ଭେମାନେ ବିଶ୍ଳେଷଣରୁ ଜାଣିପାରୁ । ଆମ୍ଭମାନଙ୍କ ପାପ ନିମନ୍ତେ ଈଶ୍ୱରଙ୍କ ପ୍ରିୟପୁତ୍ରଙ୍କ କ୍ରୁଶୀୟ ମୃତ୍ୟୁର ଦୃଶ୍ୟ ଆମ୍ଭମାନଙ୍କୁ ସବୁବେଳେ ତାହାଙ୍କ ମୃତ୍ୟୁ ସ୍ମରଣରେ ରଖି ବିଶ୍ୱସ୍ତ ଜୀବନଯାପନ କରୁ ।

# ଆଜିର ମନୁଷ୍ୟକୁ ପବିତ୍ର ଆତ୍ମା କିପରି ପ୍ରଭାବିତ କରେ ?
## (How does the Holy Spirit influence man Today ?)

ଏହି ପ୍ରଶ୍ନର ଉତ୍ତର ଆଜିର ମନୁଷ୍ୟ ସମାଜକୁ ବ୍ୟତିବ୍ୟସ୍ତ କରୁଅଛି । ପବିତ୍ର ଆତ୍ମାଙ୍କ ପ୍ରଭାବ ବିଷୟରେ ଈଶ୍ୱରଙ୍କ ବାକ୍ୟ ପ୍ରୟୋଜନ ନୁହେଁ । ଯୀଶୁଖ୍ରୀଷ୍ଟଙ୍କ ପ୍ରସ୍ଥାନ ପରେ ପବିତ୍ର ଆତ୍ମା ଏହି ଜଗତରେ ଅବତରଣ କରି ପାପ, ଧାର୍ମିକତା ଓ ବିଚାର ବିଷୟରେ ପ୍ରମାଣ ଦେବେ ବୋଲି ସେ ଆପଣା ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ (ଯୋହନ ୧୬:୮) । ତେବେ ପବିତ୍ର ଆତ୍ମା କିପରି ପାପ ବିଷୟରେ ମନୁଷ୍ୟକୁ ପ୍ରମାଣ ଦେବେ ? ନୂତନ ନିୟମରେ ଏହାର ଉତ୍ତର ପାଇପାରିବା ।

ସ୍ୱର୍ଗାରୋହଣ ପୂର୍ବେ ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କ ଅବତରଣ ପର୍ଯ୍ୟନ୍ତ ଶିଷ୍ୟମାନଙ୍କୁ ଯିରୂଶାଲମରେ ଅପେକ୍ଷା କରିବା ନିମନ୍ତେ ଆଜ୍ଞା ଦେଇଥିଲେ । (ଲୂକ ୨୪:୪୯, ପ୍ରେରିତ ୧:୪-୮, ଯୋହନ ୧୪:୧୬) । ତାହାଙ୍କ ଆଜ୍ଞାନୁଯାୟୀ ଶିଷ୍ୟମାନେ ଯିରୂଶାଲମର ଏକ ଉପର କୋଠରୀରେ ଅପେକ୍ଷା କରୁଥିବା ସମୟରେ ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମାଙ୍କ ଅବତରଣ ହୋଇଥିଲା । (ପ୍ରେରିତ ୨:୧-୪) ପବିତ୍ର ଆତ୍ମାଙ୍କ ଅଧିକାର ପ୍ରାପ୍ତ ହୋଇ ଶିଷ୍ୟମାନେ ସୁସମାଚାର ଶକ୍ତି ସହ ବିସ୍ତାର କରିଥିଲେ । (ପ୍ରେରିତ ୨:୧୪-୩୬) ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଉପସ୍ଥିତ ଜନତା କିପରି ଆପଣା ଆପଣା ପାପର ବୋଧ ପାଇଥିଲେ ପ୍ରେରିତ ୨:୩୭ ପଦରୁ ଜାଣିପାରୁ । ଯାହା କହେ,"........ଏହି କଥା ଶୁଣି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା......." । ପ୍ରଚାରିତ ସୁସମାଚାର ଶ୍ରବଣ ଦ୍ୱାରା ପବିତ୍ର ଆତ୍ମା ସେମାନଙ୍କ ଅନ୍ତରରେ କାର୍ଯ୍ୟ କରିଥିଲେ । ଯେହେତୁ,"..........ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ, (ରୋମୀୟ ୧୦:୧୭) । କେବଳ ପେଣ୍ଟିକଷ୍ଟ ଜନତା ମାତ୍ର ନୁହେଁ, କିନ୍ତୁ ସୁସମାଚାର ଶ୍ରବଣ, ବିଶ୍ୱାସ, ମନ ପରିବର୍ତ୍ତନ, ସ୍ୱୀକାର ଦ୍ୱାରା ଶମୀରୋଣୀୟମାନେ (ପ୍ରେରିତ ୮,୫-୧୨), କୁଶଦେଶୀୟ ନପୁଂସକ (ପ୍ରେରିତ ୮:୨୬-୪୦), ତାର୍ଜବାସୀ ଶାଉଲ (ପ୍ରେରିତ ୯:୬, ୨୨:୧୬) କର୍ଣ୍ଣଲୀୟ (ପ୍ରେରିତ ୧୦:୬, ୩୪:୪୮,୧୧:୪୪), ଲୂଦିଆ (ପ୍ରେରିତ ୧୬:୧୪,୧୫) କରିନ୍ଥୀୟମାନେ (ପ୍ରେରିତ ୧୮:୫-୮), ଏବଂ ଏଫିସୀମାନେ (ପ୍ରେରିତ ୧୯:୧-୫) ପରିତ୍ରାଣ ପ୍ରାପ୍ତ ହୋଇଥିଲେ । ଯେଉଁମାନେ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଆକାଂକ୍ଷିତ ଥିଲେ, ସେମାନେ ପ୍ରତ୍ୟେକଙ୍କୁ ପବିତ୍ର ଆତ୍ମା ଆପଣା ବାକ୍ୟ ମାଧ୍ୟମରେ ପ୍ରଭାବିତ କରିଥିଲେ ।

ପବିତ୍ର ଆତ୍ମା ଅଦ୍ଭୁତଭାବେ ମନୁଷ୍ୟର ହୃଦୟରେ କାର୍ଯ୍ୟ କରିବା ବିଷୟ, ନୂତନ ନିୟମରେ ଲିଖିତ ହୋଇନାହିଁ । ଏହି ସିଦ୍ଧାନ୍ତ ପରମେଶ୍ୱରଙ୍କୁ ପକ୍ଷପାତୀ କରେ । ଯେହେତୁ ଯେଉଁମାନେ ପରିତ୍ରାଣ ପ୍ରାପ୍ତ ହୋଇନାହାନ୍ତି । ସେମାନେ ପବିତ୍ର ଆତ୍ମାଙ୍କ ଅଦ୍ଭୁତ ଶକ୍ତି ସେମାନଙ୍କୁ ପ୍ରେରଣ କରାଯାଇନାହିଁ ବୋଲି ଯୁକ୍ତି କରିପାରନ୍ତି । ପରମେଶ୍ୱର ପକ୍ଷପାତୀ ନୁହଁନ୍ତି ବୋଲି ପ୍ରେରିତ ୧୦:୩୪,୩୫ ଓ ରୋମୀୟ ୨:୧୧ ପଦରେ ପଢ଼ିଥାଉଁ । ଶ୍ରବଣ କରିଥିବା ସୁସମାଚାର ଗ୍ରାହ୍ୟ କରିବା କିଅବା ଅଗ୍ରାହ୍ୟ କରିବା ମନୁଷ୍ୟ ସ୍ୱଇଚ୍ଛାଧୀନ ଅଟେ । ସ୍ତିଫାନଙ୍କ ପ୍ରଚାରିତ ବାକ୍ୟ ଅଗ୍ରାହ୍ୟ କରିବା ଲୋକେ ପ୍ରତିରୋଧ କରିଥିଲେ ବୋଲି ପ୍ରେରିତ ୭:୫୧ ପଦରେ ପଢ଼ିଥାଉଁ । ଆଜି ମଧ୍ୟ ଯେଉଁମାନେ ପ୍ରଚାରିତ ବାକ୍ୟର ଆଜ୍ଞାବହ ହେଉନାହାନ୍ତି, ସେମାନେ ପବିତ୍ର ଆତ୍ମାଙ୍କ ପ୍ରଭାବକୁ ପ୍ରତିରୋଧ କରୁଅଛନ୍ତି

ମନୁଷ୍ୟ ଯେପରି ଏକ କୁରାଢ଼ି ମାଧ୍ୟମରେ ଏକ ବୃକ୍ଷକୁ କାଟେ, ପବିତ୍ର ଆତ୍ମା ବାକ୍ୟ ଦ୍ୱାରା ମନୁଷ୍ୟର ହୃଦୟକୁ ବିଦୀର୍ଣ୍ଣ କରନ୍ତି । ବାଇବଲରେ ଲିଖିତ ବାକ୍ୟ ଦ୍ୱାରା ପବିତ୍ର ଆତ୍ମା ପାପୀ ତଥା ଧାର୍ମିକମାନଙ୍କ ହୃଦୟ ସ୍ପର୍ଶ କରନ୍ତି ।

**- B.J. Clarke**

# ଆଶୀଷର ଭଣ୍ଡାର

## (The Source of our Blessings)

ପୁରାତନ ଇଶ୍ରାଏଲ୍‌ର ଗୀତ ରଚକ କହନ୍ତି, ''ମୁଁ ପର୍ବତଗଣ ଆଡ଼େ ଊର୍ଦ୍ଧ୍ୱ ଦୃଷ୍ଟି କରିବି, କେଉଁଠାରୁ ମୋହର ସାହାଯ୍ୟ ଆସିବ ? ମୋହର ସାହାଯ୍ୟ ସଦାପ୍ରଭୁଙ୍କଠାରୁ ଆସେ, ସେ ଆକାଶ ଓ ପୃଥିବୀ ନିର୍ମାଣ କଲେ । ସେ ତୁମ୍ଭ ଚରଣକୁ ବିଚଳିତ ହେବାକୁ ଦେବେ ନାହିଁ । ଯେ ତୁମ୍ଭକୁ ରକ୍ଷା କରନ୍ତି, ସେ ଢୁଳାଇବେ ନାହିଁ, ଦେଖ, ଯେ ଇଶ୍ରାଏଲକୁ ରକ୍ଷା କରନ୍ତି, ସେ ଘୁମାଇବେ ନାହିଁକି ନିଦ୍ରା ଯିବେ ନାହିଁ । ସଦାପ୍ରଭୁ ତୁମର ରକ୍ଷକ, ସଦାପ୍ରଭୁ ତୁମ୍ଭ ଦକ୍ଷିଣ ପାର୍ଶ୍ୱର ଛାୟା ଦିବସରେ ସୂର୍ଯ୍ୟ କିଅବା ରାତ୍ରିର ଚନ୍ଦ୍ର ତୁମ୍ଭକୁ ଆଘାତ କରିବ ନାହିଁ । ସଦାପ୍ରଭୁ ତୁମ୍ଭର ପ୍ରାଣକୁ ରକ୍ଷା କରିବେ । ଅଦ୍ୟାବଧି ସଦାକାଳ, ସଦାପ୍ରଭୁ ତୁମ୍ଭର ବାହାରେ ଯିବାରେ ଓ ଭିତରେ ଆସିବାର ରକ୍ଷା କରିବେ ।'' (ଗୀତ ୧୨୧) । ଏବଂ କୀର୍ତ୍ତନା, ଇଶ୍ରାଏଲ୍‌ୟୀମାନେ କିପରି ସମସ୍ତ ଆଶୀଷ ନିମନ୍ତେ ସଦାପ୍ରଭୁଙ୍କ ଠାରେ ନିର୍ଭର କରୁଥିଲେ ଆମ୍ଭମାନଙ୍କୁ ଜଣାଏ ।

ଯାକୁବ ୧:୧୭ ପଦରେ ଲେଖାଯାଏ, ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର

ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିଗଣର ପିତାଙ୍କ ଠାରୁ ଆସେ । ଯାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ । ସମସ୍ତ ମଙ୍ଗଳଦାନ ଆମ୍ଭେମାନେ ସଦାପ୍ରଭୁଙ୍କଠାରୁ ପ୍ରାପ୍ତ ହେଉ । ସେ ଅସରନ୍ତି ଆଶୀଷର ଭଣ୍ଡାର ଅଟନ୍ତି । ତେଣୁକରି ଆମ୍ଭେମାନେ ସବୁ ସମୟରେ ତାହାଙ୍କୁ କୃତଜ୍ଞତାର ଜୀବନଯାପନ କରିବା ଆବଶ୍ୟକ । ପରମେଶ୍ୱରଙ୍କ ହସ୍ତରୁ ଆଶୀଷ ପ୍ରାପ୍ତ ହୋଇ ଅନେକେ ତାହାଙ୍କୁ ଧନ୍ୟବାଦ ଦେବା ପାଶୋରିଯା'ନ୍ତି । ଘୁଷୁରୀ ଯେପରି ଆପଣା ଅନ୍ନଦାତାଙ୍କୁ ଆଖି ଉଠାଇ ଦେଖେନାହିଁ, ସେହିପରି ଅକୃତଜ୍ଞ ଲୋକେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ଧନ୍ୟବାଦ ଦିଅନ୍ତି ନାହିଁ ।

ପରମେଶ୍ୱର ଶାରୀରିକଭାବେ ଓ ଆତ୍ମିକଭାବେ ଆଶୀର୍ବାଦ କରନ୍ତି । ଖ୍ରୀଷ୍ଟିୟାନମାନେ ଓ ଅଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କଠାରୁ ଆଗତ ଭୌତିକ ଆଶୀଷ ପ୍ରାପ୍ତ ହୁଅନ୍ତି । ''ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ । ସେ ତ' ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ବୃଷ୍ଟି ବର୍ଷାନ୍ତି ।'' (ମାଥିଉ ୫:୪୫) । କିନ୍ତୁ ଖ୍ରୀଷ୍ଟଙ୍କଠାରେ ରହିବା ଲୋକେ ତାହାଙ୍କଠାରୁ ଆତ୍ମିକ ଆଶୀଷପ୍ରାପ୍ତ ହୁଅନ୍ତି । କାରଣ ବାକ୍ୟ କହେ,''ଆମ୍ଭମାନଙ୍କ ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି । (ଏଫସୀ ୧:୩) । ଜାଗତିକ ଭାବେ ଅଭିବୃଦ୍ଧି ପାଉଥିବା ପ୍ରତ୍ୟେକେ ପରମେଶ୍ୱରଙ୍କ ତୃଷ୍ଟ ବୋଲି ମନେ କରିବା ବି ଯୁକ୍ତିଯୁକ୍ତ ନୁହେଁ ।

ବିଶ୍ୱାସ ଓ ଆଜ୍ଞାବହତା ଦ୍ୱାରା ପରମେଶ୍ୱରଙ୍କ ଆତ୍ମିକ ଆଶୀଷ ମନୁଷ୍ୟମାନଙ୍କ ପ୍ରତି ବଢ଼େ । ପରମେଶ୍ୱରଙ୍କ ଅନୁଗ୍ରହ ପ୍ରାପ୍ତ ହେବାକୁ ଆମ୍ଭେମାନେ ଅଯୋଗ୍ୟ ହେଲେ ସୁଦ୍ଧା, ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ତାହାଙ୍କ ଦତ୍ତ ଆଶୀଷ ସକଳ ପ୍ରାପ୍ତ ହେଉ । ପାଉଲ କହନ୍ତି,''ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ କାରଣ ଜୀବନଦାୟକ ଆତ୍ମାଙ୍କ ବ୍ୟବସ୍ଥା ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ତୁମ୍ଭକୁ ପାପ ଓ ମୃତ୍ୟୁଦାୟକ ବ୍ୟବସ୍ଥାରୁ ମୁକ୍ତ କରିଅଛି ।'' (ରୋମୀୟ ୮:୧-୨)

''ଈଶ୍ୱରଙ୍କ ଅକଥନୀୟ ଦାନ ନିମନ୍ତେ ତାହାଙ୍କର ଧନ୍ୟବାଦ ହେଉ । (୨ୟ କରିନ୍ଥୀ ୯:୧୫)

**- J.K. Gossett**

# *The Purpose of preaching*

**INTRODUCTION :**

1. Preaching is the means of communicating God's Word.
2. It may be from the pulpit, by radio, or through the medium of television.
3. But what is the purpose of it ?

**DISCUSSION :**

**I. Preaching is definitely not for certain purposes.**

Charts and outlines

A. Not to preach self (2 Corinthians 4:5).

B. Not to show education (1 Corinthians 2:1-5).

C. Not for entertainment (1 Corinthians 2:2).

1. Joking all the time.
2. Telling death-bed tales.

D. Not to be popular (1 Corinthians 4:9-13).

E. Not for a job only (1 Corinthians 4:12).

F. Not for promoting hobbies.

G. Not for preaching false doctrine (Galatians 1:7-9).

H. Not for condemning only.

I. Not to preach something new (Revelation 22:18, 19).

J. Not to be used.

**II. The purpose of preaching.**

A. Jesus has commanded it (Mark 16:15).

B. To preach the Word (2 Timothy 4:2).

C. To evangelize (Acts 8:4).

D. To inform or educate (Matthew 28:19; Romans 10:15-17).

To exalt Christ (1 Corinthians 1:23).

F. To condemn error (2 Timothy 4:2).

G. To correct the ungodly (1 Corinthians 5).

H. To be simple, practical, and in the language of the people.

I. To persuade men (2 Corinthians 5:11).

**CONCLUSION :**

1. We are sent to do a job.
2. Once the Lord's Word is preached, then we leave the results with the Lord.
3. Preaching is powerful when the emphasis is on the message rather than the messenger.

**- J.C. Choate**

From:

SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)